# NATIONAL NEWS BULLETIN (ODIA)

**9 April - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ତାଙ୍କ ସରକାର ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ କାର୍ଯ୍ୟ କରୁଛନ୍ତି ।
- ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ବି.ଆର୍.ଏସ୍ ନେତା କେ. କବିତାଙ୍କ ନ୍ୟାୟିକ ହାଜତର ସମୟକୁ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିଛନ୍ତି ।
- ସରକାରଙ୍କ ଦ୍ୱାରା କେନ୍ଦ୍ରୀୟ ଏଜେନ୍ସି ଗୁଡ଼ିକର ଅପବ୍ୟବହାର ବିରୁଦ୍ଧରେ ପ୍ରତିବାଦ ସ୍ୱରୂପ ଟି.ଏମ୍.ସି ନେତାମାନେ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି ।
- ରମ୍‌ଜାନ ମାସରେ ଗାଜାରେ ତୁରନ୍ତ ଯୁଦ୍ଧ ବିରତି ପାଇଁ ଜାତିସଂଘ ନିରାପତ୍ତା ପରିଷଦ ପ୍ରସ୍ତାବକୁ ଭାରତ ଏକ ସକରାତ୍ମକ ପଦକ୍ଷେପ ବୋଲି ବର୍ଣ୍ଣନା କରିଛି ।

ଏବଂ

- ପାକିସ୍ତାନର ବାଲୁଚିସ୍ତାନ ପ୍ରଦେଶରେ ଦୁଇଟି ପୃଥକ ବୋମା ବିସ୍ଫୋରଣ ଘଟଣାରେ ୩ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୨୦ଜଣ ଆହତ ହୋଇଛନ୍ତି ।

## ପିଏମ୍-ପିଲିଭିଟ୍ ର୍ୟାଲି

ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି କୌଣସି କଥା ଅସମ୍ଭବ ନୁହେଁ ବୋଲି ଭାରତ ପ୍ରମାଣିତ କରିସାରିଛି । ଉତ୍ତରପ୍ରଦେଶର ପିଲିଭିଟ୍‌ଠାରେ ଏକ ସଭାରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଲକ୍ଷ୍ୟ ଯେତେ କଷ୍ଟକର ହେଉ ନା କାହିଁକି, ଭାରତ ତାହା ହାସଲ କରିପାରିବ । ସେ କହିଛନ୍ତି ତାଙ୍କ ସରକାର ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ କାର୍ଯ୍ୟ କରୁଛନ୍ତି । ସେ କହିଛନ୍ତି କଂଗ୍ରେସ ସରକାର ବିଦେଶରୁ ସାହାଯ୍ୟ ଆଣୁଥିବାବେଳେ ତାଙ୍କ ସରକାର କରୋନା ସମୟରେ ବିଦେଶକୁ ସାହାଯ୍ୟ ପଠାଇଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି ଯୁବାମାନଙ୍କ ପାଇଁ ନୂଆ ନିଯୁକ୍ତି ସୁଯୋଗମାନ ସୃଷ୍ଟି ହୋଇଛି । କୃଷି ଉତ୍ପାଦନରେ ପିଲିଭିଟ୍‌ର ଭୂମିକାକୁ ସେ ଉଲ୍ଲେଖ କରିଛନ୍ତି । ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଉତ୍ତରପ୍ରଦେଶର ୮ଟି ଲୋକସଭା ଆସନରେ ମତଦାନ ହେବ ।

## କବିତା-କଷ୍ଟଡି

ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ବି.ଆର୍.ଏସ୍ ନେତା କେ. କବିତାଙ୍କ ନ୍ୟାୟିକ ହାଜତର ସମୟକୁ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ସମ୍ପ୍ରସାରଣ

କରିଛନ୍ତି । ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ କେ. କବିତା ଅଭିଯୁକ୍ତ ଅଛନ୍ତି । ଗତକାଲି ଦିଲ୍ଲୀର ଏକ ଅଦାଲତ କେ. କବିତାଙ୍କୁ ଜାମିନ ନାମଞ୍ଜୁର କରିଥିଲେ । କେ. କବିତା ସାଉଥ୍ ଗ୍ରୁପ୍ କମ୍ପାନୀର ଜଣେ ମୁଖ୍ୟ ସଦସ୍ୟ ବୋଲି କୁହାଯାଉଛି । ସାଉଥ୍ ଗ୍ରୁପ୍ କମ୍ପାନୀ ଦିଲ୍ଲୀରେ ମାଦକଦ୍ରବ୍ୟ ଲାଇସେନ୍ସ ପାଇବା ବଦଳରେ ଆମ୍ ଆଦ୍‌ମୀ ପାର୍ଟିକୁ ୧୦୦କୋଟି ଟଙ୍କା ଲାଞ୍ଚ ଦେଇଥିବାର ଅଭିଯୋଗ ରହିଛି । କେ. କବିତାଙ୍କୁ ଗତମାସ ୧୫ ତାରିଖରେ ଏନ୍‌ଫୋର୍ସମେଣ୍ଟ ଡାଇରୋକ୍ଟୋରେଟ୍ ହାଇଦରାବାଦସ୍ଥିତ ତାଙ୍କର ବଞ୍ଜାରା ହିଲ୍‌ସ ବାସଭବନରୁ ଗିରଫ କରିଥିଲା ।

## ଇସି-ସେକେଣ୍ଡ ଫେଜ

ନିର୍ବାଚନ କମିଶନ କହିଛି ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୧୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୧ହଜାର ୨୧୦ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ୮୮ଟି ନିର୍ବାଚନମଣ୍ଡଳୀ ପାଇଁ ମୋଟ୍ ୨ହଜାର ୬୩୩ଟି ପ୍ରାର୍ଥୀପତ୍ର ଦାଖଲ ହୋଇଛି । ଯାଞ୍ଚ ପରେ ୧ହଜାର ୪୨୮ଟି ପ୍ରାର୍ଥୀପତ୍ର ବୈଧ ଥିବାର ଜଣାପଡିଛି । ଗତକାଲି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ଥିଲା । ଏହି ପର୍ଯ୍ୟାୟରେ ଆସନ୍ତା ୨୬ତାରିଖରେ ମତଦାନ ହେବ ।

ଦ୍ୱିତୀୟ ପର୍ଯ୍ୟାୟରେ କେରଳରୁ ୨୦ଟି ଲୋକସଭା ଆସନ ପାଇଁ ସର୍ବାଧିକ ୫୦୦ଟି ପ୍ରାର୍ଥୀପତ୍ର ଦାଖଲ ହୋଇଥିବାବେଳେ ତାହାପରକୁ କର୍ଣ୍ଣାଟକରୁ ୧୪ଟି ଲୋକସଭା ଆସନ ପାଇଁ ୪୯୧ଟି ପ୍ରାର୍ଥୀପତ୍ର ଦାଖଲ ହୋଇଛି । ତ୍ରିପୁରାର ଗୋଟିଏ ଲୋକସଭା ଆସନ ପାଇଁ ସର୍ବନିମ୍ନ ୧୪ଟି ପ୍ରାର୍ଥୀପତ୍ର ଦାଖଲ ହୋଇଛି । ମହାରାଷ୍ଟ୍ରର ନାନ୍ଦେଡ ଲୋକସଭା ଆସନରେ ସର୍ବାଧିକ ୯୨ଟି ପ୍ରାର୍ଥୀପତ୍ର ଦାଖଲ ହୋଇଛି ।

## ଇସି-ସିଆର୍‌ପିଏଫ୍

ନିର୍ବାଚନ କମିଶନ ପଶ୍ଚିମବଙ୍ଗରେ ଆଉ ୧୦୦ଟି ଅଧିକ କମ୍ପାନୀ ସି.ଏ.ପି.ଏଫ୍ ଜବାନଙ୍କୁ ମୁତୟନ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ କହିଛି । ପଶ୍ଚିମବଙ୍ଗରେ ୫୫ଟି କମ୍ପାନୀ ସି.ଆର୍.ପି.ଏଫ୍ ଜବାନ ଓ ୪୫ଟି କମ୍ପାନୀ ବି.ଏସ୍.ଏଫ୍ ଜବାନ ମୁତୟନ ହେବେ । ଆସନ୍ତା ୧୫ ତାରିଖ ପୂର୍ବରୁ ଅତିରିକ୍ତ ୧୦୦ଟି କମ୍ପାନୀ ସି.ଏ.ପି.ଏଫ୍ ଜବାନଙ୍କୁ ମୁତୟନ କରିବାକୁ କୁହାଯାଇଛି ।

## ଆସାମ-ଅମିତ ଶାହା

ଆସାମରେ ବଡବଡ ନେତାମାନେ ନିର୍ବାଚନ ପ୍ରଚାର ଚଳାଇଛନ୍ତି । ଆଜି ବିଜେପି ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଉତ୍ତର ଲକ୍ଷ୍ମୀପୁରଠାରେ

ଏକ ସଭାରେ ଉଦ୍‌ବୋଧନ ଦେବେ । ସଂଧ୍ୟାରେ ସେ ତିନସୁକିଆଠାରେ ଏକ ରୋଡ ଶୋ' କରିବେ । ସେଠାରେ ଆସନ୍ତା ୧୯ ତାରିଖରେ ମତଦାନ ହେବ । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ ଓ ବିଜେପି ରାଜ୍ୟ ଶାଖା ସଭାପତି ଭବେଶ କଲିତା ପ୍ରଚାର କରୁଛନ୍ତି । ଅନ୍ୟ ଦଳ ମାନେ ନିଜନିଜର ପାର୍ଟି ପ୍ରାର୍ଥୀମାନଙ୍କ ସମର୍ଥନରେ ପ୍ରଚାର ଚଳାଇଛନ୍ତି । କଂଗ୍ରେସ ରାଜ୍ୟଶାଖା ସଭାପତି ଭୂପେନ ବୋରା, ସାଂସଦ ଗୌରବ ଗୋଗୋଇ ଓ ପ୍ରଦ୍ୟୁତ୍ ବର୍ଦୋଲୋଇ ଜୋର୍‌ସୋର୍‌ରେ ପ୍ରଚାର ଚଳାଇଛନ୍ତି । ଆମ୍ ଆଦ୍‌ମୀ ପାର୍ଟି ନେତା ଆତିଶି ଗତକାଲି ଦୁଲିଆଜନଠାରେ ଏକ ରୋଡ ଶୋ' କରିଥିଲେ । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ୩୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

## ଟିଏମ୍‌ସି ପ୍ରୋଟେଷ୍ଟ-ବିଜେପି

ସରକାରଙ୍କ ଦ୍ୱାରା କେନ୍ଦ୍ରୀୟ ଏଜେନ୍ସି ଗୁଡ଼ିକର ଅପବ୍ୟବହାର ବିରୁଦ୍ଧରେ ପ୍ରତିବାଦ ସ୍ୱରୂପ ଟି.ଏମ୍.ସି ନେତାମାନେ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି । ଗତକାଲି ସାଂସଦ ଡେରେକ୍ ଓ'ବ୍ରିଏନ୍, ଡୋଲା ସେନ୍, ସାଗରିକା ଘୋଷ ଓ ସାକେତ୍ ଗୋଖଲେ ନିର୍ବାଚନ କମିଶନକୁ ଯାଇ ଲୋକସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗରେ ଟି.ଏମ୍.ସି କର୍ମୀମାନଙ୍କୁ ଡରାଇବା ଓ ଧମକାଇବା ପାଇଁ ଏନ୍.ଆଇ.ଏର ଅପବ୍ୟବହାର କରାଯାଉଥିବାର ଅଭିଯୋଗ କରିଥିଲେ । ଏହି ଘଟଣାରେ

ହସ୍ତକ୍ଷେପ କରିବାକୁ ସେମାନେ ନିର୍ବାଚନ କମିଶନକୁ ଅନୁରୋଧ କରିଥିଲେ । ପରେ ସେମାନେ ନିର୍ବାଚନ କମିଶନ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଓ ଦିଲ୍ଲୀ ପୋଲିସ ସେମାନଙ୍କୁ ଗିରଫ କରି ମନ୍ଦିରମାର୍ଗ ଥାନାକୁ ନେଇଥିଲା । ପରେ ଦିଲ୍ଲୀ ପୋଲିସ ସେମାନଙ୍କୁ ଛାଡିଦେଇଥିଲା । କିନ୍ତୁ ସେମାନେ ଥାନରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ଆମ୍ ଆଦ୍‌ମୀ ପାର୍ଟି ମଧ୍ୟ ଟି.ଏମ୍.ସି ନେତାମାନଙ୍କ ସମର୍ଥନରେ ସେଠାକୁ ଯାଇଥିଲା । ଆମ୍ ଆଦ୍‌ମୀ ପାର୍ଟି ନେତା ସୌରଭ ଭରଦ୍ୱାଜ କହିଛନ୍ତି ବିଜେପି ନେତାମାନେ ନିର୍ବାଚନ ପ୍ରଚାର କରୁଥିବାବେଳେ ବିରୋଧୀଦଳ ନେତାମାନଙ୍କୁ ସି.ବି.ଆଇ, ଇ.ଡି, ଏନ୍.ଆଇ.ଏ ଓ ଆୟକର ବିଭାଗ ଦ୍ୱାରା ହଇରାଣ ହରକତ କରାଯାଉଛି । ଇତିମଧ୍ୟରେ ଟି.ଏମ୍.ସି ଦ୍ୱାରା ବିକ୍ଷୋଭ ପ୍ରଦର୍ଶନର ବିଜେପି ତୀବ୍ର ସମାଲୋଚନା କରିଛି । ପାର୍ଟି ମୁଖପାତ୍ର ସେହଜାଦ ପୁନାବାଲା କହିଛନ୍ତି ଟି.ଏମ୍.ସି ପଶ୍ଚିମବଙ୍ଗରେ ହିଂସାରେ ଲିପ୍ତ ରହିଛି । ରାଜ୍ୟରେ ଇ.ଡି ଓ ଏନ୍.ଆଇ.ଏ ଟିମ୍‌ଗୁଡ଼ିକ ଉପରେ ଆକ୍ରମଣ କରାଯାଉଛି । ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ଦୁର୍ନୀତିଗ୍ରସ୍ତ ଓ ଅସାମାଜିକ ବ୍ୟକ୍ତିମାନଙ୍କୁ ସୁରକ୍ଷା ଦେଉଥିବାର ସେ ଦୋଷାରୋପ କରିଛନ୍ତି ।

# ପିଏମ୍-ନ୍ୟୁ ଇୟର ନବରାତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନବ ସମ୍ବତ୍ସର ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି ନବବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଓ ଉତ୍ତମ ସ୍ୱାସ୍ଥ୍ୟ ଆଣିଦେବ ବୋଲି ସେ କାମନା କରୁଛନ୍ତି । ପ୍ରଧାନମନ୍ତ୍ରୀ ଗୁଡ଼ି ପଡବା, ଚେଟି ଚାନ୍ଦ, ନବରେ, ଉଗାଡି ଓ ସଜିବୁ ଚେଇରୋବା ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଇଣ୍ଡିଆ-ଗାଜା ପିସ୍

ରମ୍‌ଜାନ ମାସରେ ଗାଜାରେ ତୁରନ୍ତ ଯୁଦ୍ଧ ବିରତି ପାଇଁ ଜାତିସଂଘ ନିରାପତ୍ତା ପରିଷଦ ପ୍ରସ୍ତାବକୁ ଭାରତ ଏକ ସକରାତ୍ମକ ପଦକ୍ଷେପ ବୋଲି ବର୍ଣ୍ଣନା କରିଛି । ଭାରତ କହିଛି ଇସ୍ରାଏଲ-ହମାସ୍ ଯୁଦ୍ଧ ଯୋଗୁଁ ସେଠାରେ ସୃଷ୍ଟି ହୋଇଥିବା ମାନବୀୟ ସଙ୍କଟ ଗ୍ରହଣଯୋଗ୍ୟ ନୁହେଁ । ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଆମ୍ବାସଡର ରୁଚିରା କାମ୍ବୋଜ ଜାତିସଂଘ ସାଧାରଣ ପରିଷଦ ବୈଠକରେ କହିଛନ୍ତି ଗାଜାରେ ଚାଲିଥିବା ଯୁଦ୍ଧକୁ ନେଇ ଭାରତ ଚିନ୍ତିତ ରହିଛି । ସେ କହିଛନ୍ତି ସେଠାରେ ସୃଷ୍ଟି ହୋଇଥିବା ମାନବୀୟ ସଙ୍କଟ ଓ ଅସ୍ଥିରତା ସମଗ୍ର ଅଞ୍ଚଳ ସହିତ ଅନ୍ୟ ଅଞ୍ଚଳକୁ ପ୍ରଭାବିତ କରୁଛି ।

ଶ୍ରୀମତୀ କାମ୍ବୋଜ କହିଛନ୍ତି ଇସ୍ରାଏଲ-ହମାସ୍ ଯୁଦ୍ଧ ଯୋଗୁଁ ଅନେକ ଲୋକ ବିଶେଷକରି ମହିଳା ଓ ଶିଶୁମାନେ ପ୍ରାଣ ହରାଇଛନ୍ତି । ଜାତିସଂଘର ସେହି ପ୍ରସ୍ତାବ ନିରାପତ୍ତା ପରିଷଦରେ ଗତମାସ ୨୫

ତାରିଖରେ ଗୃହୀତ ହୋଇଥିଲା । ସମସ୍ତ ପଣବନ୍ଦୀଙ୍କୁ ତୁରନ୍ତ ତଥା ନିଃସର୍ତ୍ତ ଭାବେ ଖଲାସ କରାଯିବା ଓ ଗାଜାକୁ ମାନବୀୟ ସହାୟତା, ଚିକିତ୍ସା ସହାୟତା ଓ ସମସ୍ତ ସୁବିଧା ପହଞ୍ଚାଯିବାକୁ ସେଥିରେ ଦାବି କରାଯାଇଥିଲା ।

୧୫ ସଦସ୍ୟ ବିଶିଷ୍ଟ ନିରାପତ୍ତା ପରିଷଦ ପ୍ରସ୍ତାବ ୧୦ଟି ଅସ୍ଥାୟୀ ନିର୍ବାଚିତ ସଦସ୍ୟ ରାଷ୍ଟ୍ର ଆଗତ କରିଥିଲେ । ଏହା ସପକ୍ଷରେ ୧୪ଟିଯାକ ରାଷ୍ଟ୍ର ମତଦାନ କରିଥିଲେ । ପରିଷଦର ସ୍ଥାୟୀ ସଦସ୍ୟ ରାଷ୍ଟ୍ର ଆମେରିକା ମତଦାନରୁ ନିବୃତ୍ତ ଥିଲା ।

## ଏନ୍ଆଇଏ-କାଲକାତା ହାଇକୋର୍ଟ

ଜାତୀୟ ତଦନ୍ତକାରୀ ସଂସ୍ଥା ଏହାର ଅଫିସରମାନଙ୍କ ବିରୁଦ୍ଧରେ ରୁଜୁ ହୋଇଥିବା ଏଫ୍.ଆଇ.ଆର୍‌କୁ ରଦ୍ଦ କରିଦେବା ପାଇଁ କାଲକାତା ହାଇକୋର୍ଟରେ ଆବେଦନ କରିଛି । ସେହି ଅଫିସରମାନେ ଭୂପତିନଗରରେ ଖାନ୍‌ତଲାସୀ ପାଇଁ ସେଠାକୁ ଯାଇଥିଲେ । ଏନ୍.ଆଇ.ଏ ଓକିଲ ଅରୁଣ ମହାନ୍ତି କହିଛନ୍ତି ଜଷ୍ଟିସ ଜୟ ସେନଗୁପ୍ତା କୋର୍ଟରେ ଆବେଦନ କରିବାକୁ ଅନୁମତି ଦେଇଥିଲେ । ଏନ୍.ଆଇ.ଏ ଅଫିସରମାନଙ୍କ ବିରୁଦ୍ଧରେ ରାଜ୍ୟ ପୁଲିସର କଠୋର କାର୍ଯ୍ୟାନୁଷ୍ଠାନକୁ ବନ୍ଦ କରିବାକୁ ଆବେଦନରେ ଅନୁରୋଧ କରାଯାଇଛି ।

# ପାକିସ୍ତାନ-ବ୍ଲାଷ୍ଟ

ପାକିସ୍ତାନର ବାଲୁଚିସ୍ତାନ ପ୍ରଦେଶରେ ଦୁଇଟି ପୃଥକ ବୋମା ବିସ୍ଫୋରଣ ଘଟଣାରେ ଜଣେ ପୋଲିସ କର୍ମଚାରୀଙ୍କ ସମେତ ଅତିକମ୍‌ରେ ୩ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୨୦ଜଣ ଆହତ ହୋଇଛନ୍ତି । ପ୍ରଥମ ବିସ୍ଫୋରଣ ଘଟଣାରେ ଜଣେ ପୋଲିସ କର୍ମଚାରୀ ପ୍ରାଣ ହରାଇଥିବାବେଳେ ୧୫ଜଣ ଆହତ ହୋଇଛନ୍ତି । ବାଲୁଚିସ୍ତାନ ପ୍ରଦେଶର କେଟା ଜିଲ୍ଲାରେ କୁଚଲକ ଅଞ୍ଚଳର ଏକ ମସ୍‌ଜିଦ୍‌ଠାରେ ସେହି ବିସ୍ଫୋରଣ ଘଟିଥିଲା ।

ଅନ୍ୟ ବିସ୍ଫୋରଣଟିରେ ୨ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୫ଜଣ ଆହତ ହୋଇଛନ୍ତି । ଦ୍ୱିତୀୟ ବିସ୍ଫୋରଣଟି ଖୁଜଦାର ସହରର ଉମର ଫାରୁକ୍ ଚୌକ୍ ନିକଟସ୍ଥ ଏକ ବଜାରରେ ଘଟିଥିଲା । ଜଣେ ପୋଲିସ ଅଫିସର କହିଛନ୍ତି ବଜାର ଭିଡ଼ ଥିବା ସମୟରେ ସେହି ବିସ୍ଫୋରଣ ଘଟିଥିଲା । ଇଦ୍ ପାଇଁ ମହିଳା ଓ ପିଲାମାନେ କିଣାକିଣି କରୁଥିବା ସମୟରେ ସେହି ବିସ୍ଫୋରଣ ଘଟିଥିଲା ।

କୌଣସି ସଂଗଠନ ପକ୍ଷରୁ ବିସ୍ଫୋରଣ ସଂକ୍ରାନ୍ତରେ ଦାବି କରାଯାଇ ନାହିଁ । ତେବେ ଗତ କିଛି ସପ୍ତାହ ଧରି ବେଆଇନ ସଂଗଠନଗୁଡ଼ିକ ଦ୍ୱାରା ବାଲୁଚିସ୍ତାନ ପ୍ରଦେଶରେ ସନ୍ତ୍ରାସବାଦୀ ଆକ୍ରମଣମାନ କରାଯାଉଛି ।

## ଉତ୍ତରାଖଣ୍ଡ-ରୋଡ ଆକ୍ସିଡେଣ୍ଟ

ଉତ୍ତରାଖଣ୍ଡର ନୈନିତାଲ ଜିଲ୍ଲାରେ ଗତ ରାତିରେ ଗୋଟିଏ ଗାଡ଼ି ଏକ ଗଭୀର ଖାଇମଧ୍ୟକୁ ଖସିପଡିବାରୁ ୮ଜଣ ନେପାଳୀ ଶ୍ରମିକ ପ୍ରାଣ ହରାଇଛନ୍ତି ଓ ୨ଜଣ ଆହତ ହୋଇଛନ୍ତି । ନୈନିତାଲ ଜିଲ୍ଲାର ଉଞ୍ଚାକୋର୍ଟ ଠାରେ ସେହି ଦୁର୍ଘଟଣା ଘଟିଛି । ପୋଲିସ ଓ ଏସ୍.ଡି.ଆର୍.ଏଫ୍ ଉଦ୍ଧାରକାର୍ଯ୍ୟ ଚଳାଇଛନ୍ତି । ସମସ୍ତ ୮ଟି ଯାକ ମୃତଦେହକୁ ଉଦ୍ଧାର କରାଯାଇଛି । ଅନ୍ୟପକ୍ଷରେ ଗୁରୁତରଭାବେ ଆହତ ହୋଇଥିବା ୨ଜଣ ଶ୍ରମିକଙ୍କୁ ବଡ ହସ୍ପିଟାଲରେ ଚିକିତ୍ସା କରାଯାଉଛି ।

## ଆଇପିଏଲ୍-କ୍ରିକେଟ୍

ଆଇ.ପି.ଏଲ୍ କ୍ରିକେଟ୍‌ରେ ଆଜି ପଞ୍ଜାବ କିଙ୍ଗ୍‌ସ’ ସନ୍‌ରାଇଜର୍ସ ହାଇଦରାବାଦକୁ ଭେଟିବ । ଏହି ମ୍ୟାଚ୍ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ଚଣ୍ଡିଗଡର ମହାରାଜା ଯଦାବିନ୍ଦ୍ରସିଂହ ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ ।

ଗତକାଲି ଚେନ୍ନାଇ ସୁପରକିଙ୍ଗ୍‌ସ’ କୋଲକାତା ନାଇଟ୍ ରାଇଡର୍ସକୁ ୭ ଓ୍ୱିକେଟ୍‌ରେ ପରାସ୍ତ କରିଛି । ୧୩୮ରନ୍‌ର ବିଜୟଲକ୍ଷ୍ୟ ହାସଲ କରିବାକୁ ଯାଇ ଚେନ୍ନାଇ ୧୪ଟି ବଲ୍ ଖେଳିବାକୁ ବାକିଥିବାବେଳେ ୧୪୧ ରନ୍ କରି ବିଜୟୀ ହୋଇଥିଲା ।